## ସଂକ୍ଷେପରେ

### ପୋଲିସ ଗାଡି ଭଙ୍ଗାରୁଜା ଘଟଣା, ୫ ଗିରଫ

ହାଟଡିହୀ,୫।୨(ଡି.ଏନ.ଏ.)
କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧୀନ ଅମ୍ବୋ-କରଗୋଳା ବୈତରଣୀ ନଦୀ ବାଲିଘାଟ ବିବାଦ ସମାଧାନ କରିବା ଲାଗି ଗତ ଜାନୁୟାରୀ ୨୮ରେ ଆନନ୍ଦପୁର ଉପଖଣ୍ଡ ଅଧୀନ ବିଭିନ୍ନ ଥାନାର ଅଧିକାରୀ, ପୋଲିସ ଫୋର୍ସ, ତହସିଲଦାର, ଆରଆଇ ବାଲିଘାଟରେ ପହଞ୍ଚିଥିଲେ। ବାଲି ଉଠାଣ ଓ ପରିବହନ ସମୟରେ କେତେକ ଲୋକ ଏହାକୁ ବିରୋଧ କରିଥିଲେ। ସନ୍ଧ୍ୟା ସମୟରେ ପୋଲିସ ଫୋର୍ସର ୩ଟି ଗାଡିକୁ ଢେଲାମାଡ କରି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଦଲ ଜେନା, ବନମାଳୀ ଜେନା, ମଥୁରା ଜେନା, କୋଦଣ୍ଡ ଜେନା, ପ୍ରମୋଦ ଜେନା। ଏଥିସହ ପୂର୍ବରୁ ୩୨ ଜଣଙ୍କ ନାମରେ ୧୦୭ ଦଫାରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପରେଶ ମହାନ୍ତି ସୂଚନା ଦେଇଛନ୍ତି।

### ୧୦ଦିନରେ ୧୧ ୱାରେଣ୍ଟି ଗିରଫ

ଚମ୍ପୁଆ, ୫।୨(ଡି.ଏନ.ଏ)- ଚମ୍ପୁଆ ପୋଲିସ ଦ୍ୱାରା ବିଭିନ୍ନ ମାମଲାରେ ୧୦ ଦିନ ଭିତରେ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ଚମ୍ପୁଆ ପୋଲିସ ବଡ଼ବିଲ, ରରୁଆଁ, କରଞ୍ଜିଆ, ଯୋଡ଼ା, ବାସୁଦେବପୁର, କାଳିକାପ୍ରସାଦ ଓ ଚମ୍ପୁଆ ଅଞ୍ଚଳରୁ ଏମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏମାନଙ୍କ ଭିତରୁ କେତେଜଣଙ୍କ ନାମରେ ହତ୍ୟା ଏବଂ ଅନ୍ୟ କେତେଜଣଙ୍କ ବିରୋଧରେ ପୋକ୍ସୋ ଦଫା ଲାଗିଥିବା ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାତି ଅଧିଆ ଚଢ଼ାଉ ଦ୍ୱାରା ଏହା ସଫଳ ହୋଇଛି ବୋଲି ଜଣାଯାଇଛି।

### ସହାୟତା ପାଇଁ ଧାଡ଼ିରେ ଦିବ୍ୟାଙ୍ଗ ମିହିର



କେନ୍ଦୁଝର, ୫।୨ (ସ୍ୱ.ପ୍ର.)-ସହାୟତା ପାଇଁ ସ୍ଥାନୀୟ ଘୁଟୁରୁ ଗ୍ରାମର ମିହିର କୁମାର ସେଠୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲମ୍ବାଧାଡିରେ ଛିଡା ହୋଇ ଅପେକ୍ଷା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ସେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଗୋଡ଼ରେ ସମସ୍ୟା କାରଣରୁ ଠିକ ଭାବରେ ଚାଲିପାରୁନାହାନ୍ତି। ମା'ବାପା ଗରିବ ହୋଇଥିବାରୁ ଭଲ ଭାବରେ ପ୍ରତିପୋଷଣ କରିପାରୁନାହାନ୍ତି। ପାଠପଢା ପ୍ରତି ବହୁତ ଆଗ୍ରହ ଅଛି, କିନ୍ତୁ ମିଳୁଥିବା ଭତ୍ତାରେ ଚଳିବା କାଠିକର ପାଠ ହେଉଛି। ପାଠପଢାରେ ଅସୁବିଧା ହେଉଥିବାରୁ ସହାୟତା ପାଇଁ ଆସିଥିବା ମିହିର କହିଛନ୍ତି।

# ମାନସିକତା ବଦଳିଲେ ରୋକିହେବ କନ୍ୟା ଭ୍ରୂଣହତ୍ୟା

ଢେଙ୍କାନାଳ ଅଫିସ, ୫।୨

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବୁଧବାର ପ୍ରି-କନ୍‌ସେପ୍ସନ ଆଣ୍ଡ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ ଟେକନିକ୍ସ (ପିସିପିଏନ୍‌ଡିଟି) ଜିଲା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ଜନ୍ମ ହେଉଥିବା ଶିଶୁଙ୍କ ଭିତରେ କନ୍ୟା ସନ୍ତାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏବେ ବି ଅନେକେ ଝିଅ ଜନ୍ମକୁ ବୋଝ ବୋଲି ଭାବୁଛନ୍ତି। ମାନସିକତା ବଦଳିଲେ କନ୍ୟାଭ୍ରୂଣ ହତ୍ୟା ରୋକାଯାଇପାରିବ। ଏହାଦ୍ୱାରା କନ୍ୟା ସନ୍ତାନଙ୍କ ସଂଖ୍ୟା ବୃଦ୍ଧି ଘଟିବ ବୋଲି ମତପ୍ରକାଶ ପାଇଥିଲା।

ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ଶିଶୁ ଲିଙ୍ଗଗତ ଅନୁପାତରେ ତାରତମ୍ୟ ଭବିଷ୍ୟତ ପାଇଁ ବିପଦ। ଏଥିରେ ସୁଧାର ଆଣିବାକୁ ହେଲେ ବ୍ୟାପକ ସଚେତନତା ଆବଶ୍ୟକ। ଆଇନସମ୍ମତ ଗର୍ଭପାତର ଅନୁଚିତ ବ୍ୟବହାର ପ୍ରତିରୋଧ ଲାଗି ୧୯୯୪ରେ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ ଟେକନିକ୍ସ ଆଇନ ପ୍ରଣୟନ କରାଯାଇଥିଲା। ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷିଦ୍ଧ କରିବା ଏହି ଆଇନର ଲକ୍ଷ୍ୟ। ଏଥିଲାଗି ଅଲଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକୁ ନିୟମିତ ତଦାରଖ କରିବା ଲାଗି ବୈଠକରେ ସ୍ଥିର ହୋଇଛି। ଏଥିସହ ଝିଅ ସଂଖ୍ୟା କମ୍ ଥିବା ଗାଁରେ ସଭାସମିତି କରି ସଚେତନତା ସୃଷ୍ଟି କରାଯିବ। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ନୂଆ ଅଲଟ୍ରାସାଉଣ୍ଡ କ୍ଲିନିକ ଖୋଲିବ। ଅଧିକରୁ ଅଧିକ ବେସରକାରୀ ଅଲଟ୍ରାସାଉଣ୍ଡ କ୍ଲିନିକକୁ ଏନ୍‌ପାନେଲମେଣ୍ଟ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ବୈଠକର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପିସିପିଏନ୍‌ଡିଟି ବିଭାଗର ସହ ପରିଚାଳକ ନିରଦ କୁମାର ପ୍ରଧାନ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଜିଲାର କନ୍ୟା ସନ୍ତାନର ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସହକାରୀ ଜିଲାପାଳ ସୌଦାମିନୀ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ ସୋନାଲି ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

- ପିସିପିଏନ୍‌ଡିଟି ଜିଲା ପରାମର୍ଶଦାତା କମିଟି ବୈଠକରେ ନିଷ୍ପତ୍ତି
- ହିନ୍ଦୋଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିବ ନୂଆ ଅଲଟ୍ରାସାଉଣ୍ଡ କ୍ଲିନିକ
- କନ୍ୟା ସନ୍ତାନ କମ୍ ଥିବା ଗାଁରେ ହେବ ସଚେତନତା କାର୍ଯ୍ୟକ୍ରମ

# ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସାତମାଇଲ, ୫।୨(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ ଗୁଳେହି ପଞ୍ଚାୟତ ହରିହରପୁର ଶାସନର ଆରାଧ୍ୟ ଦେବତା ଶ୍ରୀ ପଶ୍ଚିମେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୋମବାର କଳସ ଶୋଭାଯାତ୍ରା, ଅଧିବାସ, ଧାନାଧିବାସ, ତଣ୍ଡୁଳାଧିବାସ ବିଧି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟପୂଜା, ବିଗ୍ରହ ମହାସ୍ନାନ, ନୂତନ ମନ୍ଦିର ଶୁଦ୍ଧିକରଣ ହୋଇଥିଲା। ବୁଧବାର ରୁଦ୍ରାଭିଷେକ, ବିଗ୍ରହ, ପାର୍ଶ୍ୱଦେବତା ପ୍ରତିଷ୍ଠା, ମନ୍ଦିର ନ୍ୟାସ ପରେ ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା।

ବିଦ୍ୟାଧର ମିଶ୍ର, ରଜନୀ ଦେଇ, ବୀରବର ଦାଶ, କଳ୍ପନା ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଶତପଥୀ, ପ୍ରଦୀପ ମିଶ୍ର, ଶୁଭେନ୍ଦୁ ଦାଶ, ସୁବ୍ରତ ତ୍ରିପାଠୀ, ଉମାକାନ୍ତ ତ୍ରିପାଠୀ, ମନୋରଞ୍ଜନ ନନ୍ଦ, ହିମାଂଶୁ ଦାଶ, ନିତ୍ୟ ପୂଜକ ସୁବ୍ରତ କର ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆଖାପାଖ ଅଞ୍ଚଳର ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ମନ୍ଦିର କମିଟି ପକ୍ଷରୁ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରଭୁ ପଶ୍ଚିମେଶ୍ୱରଙ୍କ ଆଶିଷ ଭିକ୍ଷା କରିଥିଲେ।



ଯଜ୍ଞରେ ଘୃତାହୁତି ପ୍ରଦାନ କରାଯାଉଛି।

# ବେକାରମୁକ୍ତ ମୟୂରଭଞ୍ଜ ଗଠନ ପାଇଁ ଦାବିପତ୍ର




ଦାବିପତ୍ର ସହ ଭଞ୍ଜସେନାର କର୍ମକର୍ତ୍ତାମାନେ ।

ବାରିପଦା ଅଫିସ, ୫।୨

ଅଣରାଜନୈତିକ ଯୁବ ସଂଗଠନ ଭଞ୍ଜ ସେନା ପକ୍ଷରୁ ବୁଧବାର ବେକାରମୁକ୍ତ ମୟୂରଭଞ୍ଜ ଗଠନ ଦାବିରେ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଛି। ସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଏକାଧିକ କର୍ମୀ ବେକାରମୁକ୍ତ ମୟୂରଭଞ୍ଜ ଗଠନ ଦାବି କରିଛନ୍ତି। ଭଞ୍ଜସେନା ବାରମ୍ବାର ଦାବି ଓ ବିକ୍ଷୋଭ କରିବା ସତ୍ତ୍ୱେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନୀରବ ରହିବା କାରଣରୁ ଜିଲାରେ ବେକାର ସମସ୍ୟା ଜଟିଳରୁ ଜଟିଳତର ହେଉଛି। ଜିଲାରେ ଶିମିଳିପାଳ ସମେତ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବା ସହିତ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ କରି ବେକାରମୁକ୍ତ ମୟୂରଭଞ୍ଜ ଗଠନ କରିବା ପାଇଁ ସେନା ଦାବି କରିଛି। ଆଗାମୀ ୭ ଦିନ ଭିତରେ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ୧୨ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଗଣବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଭଞ୍ଜସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଭଞ୍ଜସେନା କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଦାବିପତ୍ର ପ୍ରଦାନ ବେଳେ ଯୁବ ଛାତ୍ର ସଂଯୋଜକ ରାକେଶ ବେହେରା, ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ୍, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସହର ଉପସଭାପତି ଏସ୍ କେ ରାଜା ଖାନ୍, ସାଧାରଣ ସମ୍ପାଦକ ମାନସ ବେହେରା, ଉପସଭାପତି ପ୍ରଶାନ୍ତ ମହାକୁଡ଼, ଛାତ୍ରନେତା ଏମଡି ନାଜିର ହକ୍, ଅଭିଷେକ କବାଟ, ଆଲୋକ ବେହେରା, ଅଭିଷେକ ମହାପାତ୍ର, ଅଭିଜିତ୍ କର୍ମକାର, ରାଜାରାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ତପୋବନ ପୀଠରେ 'ଭକ୍ତ ନିବାସ'

ଢେଙ୍କାନାଳ ଅଫିସ, ୫।୨

ମହିମା ଧର୍ମର ଆଦିପୀଠ ତପୋବନରେ ମଙ୍ଗଳବାର 'ଭକ୍ତ ନିବାସ' ପ୍ରତିଷ୍ଠା ହୋଇଛି। ଏଥିରେ ଖର୍ଚ୍ଚ ହୋଇଛି ପ୍ରାୟ ସାଢ଼େ ୧୦ ଲକ୍ଷ ଟଙ୍କା। ୧୩୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମାଣ କରାଯାଇଥିବା ଭକ୍ତ ନିବାସରେ ୨ଟି ପ୍ରକୋଷ୍ଠ ସହ ୮୦୦ ବର୍ଗଫୁଟର ଏକ ହଲ୍ ରହିଛି।

କୌପିନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା ଅଖଣ୍ଡବତି ଜଳାଇ ଘୃତାହୁତି ପ୍ରଦାନ କରିଥିଲେ। ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଧୂପଦାନ କରିବା ପରେ ମହିମାଧର୍ମ ରୀତି ଅନୁଯାୟୀ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ ଅପରାହ୍ନରେ ଆତ୍ମସେବାର ବ୍ୟବସ୍ଥା କରାଯାଇଥିଲା। ଏଥିପୂର୍ବରୁ ବ୍ରାହ୍ମ ମୁହୂର୍ତ୍ତରେ ପୀଠରେ ଅଖଣ୍ଡ ଧୁନି ସଂସ୍ଥାପନ କରାଯାଇ ଘୃତାହୁତି ପ୍ରଦାନ କରାଯାଇଥିଲା। ଚୁଡ଼ା, ନଡ଼ିଆ, କଦଳୀ, ସେଓ, କମଳା, ବୁନ୍ଦିଆ ମିଶ୍ରିତ ଅହ୍ଲଣିଆ ଲାଗି କରାଯିବା ସହ ବାଲ୍ୟଲୀଳା ସମ୍ପନ୍ନ ହୋଇଥିଲା। ସନ୍ଥ ଭୀମଭୋଇଙ୍କ ମହିମା ଖଞ୍ଜଣି ଭଜନ ଗାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଭକ୍ତ ପ୍ରଶାନ୍ତ ମହାପାତ୍ର, ଇଂ. ଜଗନ୍ନାଥ ସାହୁ, ମହେନ୍ଦ୍ର ସାହୁ, ଅଶୋକ ସାହୁ, ବସନ୍ତ ସାହୁ, ବିଜୟ ବେହେରା, ବଦାଳୋର ମଙ୍ଗରାଜ ସାହୁ, ଜ୍ଞାନୀ ବାବା, ମନ୍ତ୍ରୀ ବାବା, ସନକ ବାବା, ବିନୋଦ ବାବା, ଦନେଇ ବାବା, ତ୍ୟାଗୀ ମାୟାଧର ଦାସ, ଭକ୍ତ ବନମାଳୀ ରଞ୍ଜନ, ପ୍ରଶାନ୍ତ ରାଉତ, ମହିମା ଜ୍ୟୋତିଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଥ୍ରୋବଲ୍‌ରେ ଖୋର୍ଦ୍ଧା, କବାଡ଼ିରେ ଢେଙ୍କାନାଳ ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ କ୍ରୀଡ଼ାବିତ୍।

## ସରିଲା କ୍ରୀଡ଼ା ମହୋତ୍ସବ

ଭୁବନ, ୫।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍‌ରେ ଚାଲିଥିବା ୬ଷ୍ଠ ବାର୍ଷିକ କ୍ରୀଡ଼ା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ଫୁଟବଲ, ଭଲିବଲ, କବାଡ଼ି, ଥ୍ରୋବଲ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲାର କ୍ଲବ, ସ୍ପୋର୍ଟସ ହଷ୍ଟେଲରୁ ପ୍ରତିଭାବାନ କ୍ରୀଡ଼ାବିତ୍ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ପୁରୁଷ ବିଭାଗ ଥ୍ରୋ-ବଲ୍‌ରେ ଖୋର୍ଦ୍ଧା ଚାମ୍ପିୟନ ହୋଇଥିବା ବେଳେ ରାଉରକେଲା ରନର୍ସ ଅପ୍ ହୋଇଛି। କବାଡ଼ିରେ ଢେଙ୍କାନାଳ ସାଇ ସ୍ପୋର୍ଟସ୍ ହଷ୍ଟେଲ ଚାମ୍ପିୟନ ଏବଂ କୁରୁମିଠା ଦଳ ରନର୍ସଅପ୍ ହୋଇଛି। ସେହିପରି ମହିଳା ଭଲିବଲରେ ଭୁବନେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ ଚାମ୍ପିୟନ ହୋଇଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଛି।

ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଏସ୍‌ପି ଅନୁପମା ଜେମ୍‌ସ, ସମ୍ମାନିତ ଅତିଥି କାମାକ୍ଷାନଗର ତହସିଲଦାର ସଞ୍ଜୟ ରାଉତ, ପରଜଙ୍ଗ ତହସିଲଦାର ଜୟନ୍ତ ମାନସିଂ, ଏନ୍‌ଏସିର ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା, ପୂର୍ବତନ କଲେଜ ଅଧ୍ୟକ୍ଷ ମେଜର ପ୍ରଭାତ କୁମାର ଦାଶ, ପୂର୍ବତନ ଡିଆଇ ମାୟାଧର ପାଣି, ସାମାଜିକ କର୍ମୀ ମଙ୍ଗୁତଲାଲ କଟରକା ପ୍ରମୁଖ ମଞ୍ଚାସୀନ ରହି କୃତୀ ଦଳକୁ ପୁରସ୍କୃତ କରିଥିଲେ।

## ଝାଡ଼େଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ଘସିପୁରା,୫।୨(ଡି.ଏନ.ଏ.)

ଆନନ୍ଦପୁରର ପ୍ରସିଦ୍ଧ ଶୈବପୀଠ ଘସିପୁରା ଝାଡ଼େଶ୍ୱରଙ୍କ ପୀଠରେ ୫୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ୧ତାରିଖ ଠାରୁ ଶୁଭଧିବାସ ଓ କଳସ ସ୍ଥାପନ ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପ୍ରତିଦିନ ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସନ୍ଥ ମନୋହର ଦାଶ ମହାରାଜ ପ୍ରମୁଖ ପ୍ରବଚନ ଦେଉଛନ୍ତି।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

ସାତମାଇଲ, ୫।୨(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାରଠାରୁ ଆରମ୍ଭ ହୋଇଛି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର। ପ୍ରୋଗ୍ରାମ ଅଫିସର ବରୁଣ ଚନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରଣଜିତ ଅମାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଭାକର ଦ୍ୱିବେଦୀ, ଅମିୟ ରଞ୍ଜନ ପାତ୍ର, ସନ୍ତୋଷ ମହାନ୍ତି, ପ୍ରିୟବ୍ରତ ପାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ବିପଦ ସମୟରେ କାମରେ ଆସିବ। ଏହାଦ୍ୱାରା ଜଣେ ନିଜକୁ ଏବଂ ଆବଶ୍ୟକ ସମୟରେ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ସମ୍ପର୍କିତ ପୁସ୍ତିକା ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିର ୧୨ଦିନ ଧରି ଚାଲିବ। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ୩ ଗ୍ରୁପ୍‌ରେ ପ୍ରଶିକ୍ଷଣ ନେବେ। ମାଷ୍ଟର ଟ୍ରେନର ଲିପ୍ସାରାଣୀ ବାରିକ ପ୍ରଶିକ୍ଷଣ ଦେଉଛନ୍ତି।

# ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ

ପରଜଙ୍ଗ, ୫।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ମାଣିକମରା ଗ୍ରାମରେ ମଙ୍ଗଳବାର ରାତିରେ ଶ୍ୱଶୁର ଘର ଲୋକଙ୍କ ମରଣାନ୍ତକ ଆକ୍ରମଣରେ ଜ୍ୱାଇଁ ଗୁରୁତର ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଆକ୍ରମଣର ଶିକାର ହୋଇଛନ୍ତି ଯାଜପୁର ଜିଲା ଜେନାପୁର ଥାନା ଗଡ଼ମଧୁପୁର ଗ୍ରାମର ରଞ୍ଜନ କୁମାର ସାହୁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାତିସାରା ଏକ ପାଇଖାନା ଟାଙ୍କି ଉପରେ ପଡ଼ି ରହିଥିବାବେଳେ ସକାଳୁ ସ୍ଥାନୀୟ ଲୋକେ ରଞ୍ଜନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ରଞ୍ଜନଙ୍କ କହିବା କଥା, ସେ ବର୍ଷେ ତଳେ ଦଦରାଘାଟି ଫାଣ୍ଡି ଅଧୀନ ମାଣିକମରା ଗ୍ରାମର ସୁଭଦ୍ରା ସାହୁଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ କୌଣସି କାରଣରୁ ଦମ୍ପତିଙ୍କ ମଧ୍ୟରେ କଳହର ସୂତ୍ରପାତ ହୋଇଥିଲା। ଏହାପରେ ସୁଭଦ୍ରା ବାପଘରକୁ ପଳାଇ ଆସିଥିଲେ। ମଙ୍ଗଳବାର ସ୍ତ୍ରୀ ଫୋନ୍ କରି ତାଙ୍କୁ ଡାକିଥିଲେ ଏବଂ ବିବାଦ ଭୁଲି ସାଙ୍ଗରେ ନେଇଯିବାକୁ ଅନୁରୋଧ କରିଥିଲେ। ସ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ରଞ୍ଜନ ଶ୍ୱଶୁର ଘରକୁ ଆସିଥିଲେ। ଉକ୍ତ ସମୟରେ ସ୍ତ୍ରୀ ଘରେ ଥିବାବେଳେ ଅନ୍ୟ ସଦସ୍ୟମାନେ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ସନ୍ଧ୍ୟାରେ ସେ ଖାଇସାରି ଶୋଇଥିଲେ। ଏହି ସମୟରେ ସୁଭଦ୍ରାଙ୍କ ପରିବାର ଲୋକେ ପହଞ୍ଚି ରଞ୍ଜନଙ୍କୁ ଦେଖି ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ତାଙ୍କୁ ଘର ଭିତରେ ପୂରାଇ କବାଟ ବନ୍ଦ କରିଦେଇଥିଲେ। ମାନସିକ ଭାରସାମ୍ୟ ହରାଇ ରଞ୍ଜନ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ କବାଟ ଭାଙ୍ଗି ଶ୍ୱଶୁର ସୁରେଶ ସାହୁ, ଶାଶୁ ଜୟନ୍ତୀ ସାହୁ ଏବଂ ଶଳା ଲିକୁନୁ ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ସମସ୍ତେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସୁଭଦ୍ରା ହସ୍ତକ୍ଷେପ କରିଥିଲେ ମଧ୍ୟ କେହି ତାଙ୍କ କଥା କେହି ଶୁଣି ନ ଥିଲେ। ସୁରେଶ ଉତ୍ତ୍ୟକ୍ତ ହୋଇ ରଞ୍ଜନଙ୍କୁ ହାଣି ଦେଇଥିଲେ। ସେଠାରୁ କୌଣସି ମତେ ଜୀବନ ବିକଳରେ ଖସିଆସି ବସ୍ତିଲେଇ ଗ୍ରାମର ଏକ ପାଇଖାନା ଟାଙ୍କି ଉପରେ ରଞ୍ଜନ ରାତିସାରା କ୍ଷତାକ୍ତ ଅବସ୍ଥାରେ ପଡ଼ି ରହିଥିଲେ। ସକାଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ପଠାଇଥିଲେ। ବୁଧବାର ଏ ନେଇ ସେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦଦରାଘାଟି ଫାଣ୍ଡି ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।



- ସାରାରାତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଲେ
- ଗ୍ରାମବାସୀ ଉଦ୍ଧାର କରି ପଠାଇଲେ ଡାକ୍ତରଖାନା
- ଥାନାରେ ଏତଲା ପରେ ପୋଲିସର ତଦନ୍ତ

## ସଂକ୍ଷେପରେ

### ସରିଲା ଶ୍ରୀମଦ୍ ଭାଗବତ କଥାମୃତ

ଝାରପୋଖରିଆ,୫।୨(ଡି.ଏନ୍.ଏ.): ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆସ୍ଥିତ ଶ୍ରୀଶ୍ରୀ ରାଧାରାଣୀ ଭାଗବତ ପରିବାର ଆନୁକୂଲ୍ୟରେ ସପ୍ତଦିବସ ବ୍ୟାପୀ ଆୟୋଜିତ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବୃନ୍ଦାବନବାସୀ ଶ୍ରୀମଦ୍ ଶ୍ରୀଦାମସଖା ବ୍ରହ୍ମଚାରୀ କଥାବ୍ୟାସ ଭାବେ ଯୋଗଦେଇ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ ପ୍ରଦାନ କରିଥିଲେ। ସାତଦିନ ବ୍ୟାପୀ ତାଙ୍କ ପ୍ରବଚନ ମାଧମରେ ଶ୍ରୀମଦ୍ ଭାଗବତର ପରୀକ୍ଷିତ ଉପାଖ୍ୟାନ, ଧ୍ରୁବ ଚରିତ, ଶ୍ରୀରାମଙ୍କ ଜନ୍ମୋତ୍ସବ, ଶ୍ରୀକୃଷ୍ଣ ଜନ୍ମୋତ୍ସବ, ଗୋବର୍ଦ୍ଧନ ପୂଜନ, ମାଖନଲୀଳା, ନନ୍ଦୋତ୍ସବ, ରୁକ୍ମିଣୀ ବିବାହ ପ୍ରମୁଖ ବିଷୟକୁ ଆଧାରକରି ଭକ୍ତଗଣଙ୍କ ଉଦ୍ଦେଶ୍ୟରେ ସାରଗର୍ଭକ ଅନନ୍ତ ଭାଗବତ ପ୍ରବଚନ ପ୍ରଦାନ କରିଥିଲେ।

### ୮୯ ପଦବୀ ପାଇଁ ୭ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ

କେନ୍ଦୁଝର, ୫।୨ (ସ୍ୱ.ପ୍ର.) ହୋମଗାର୍ଡ ଚୟନ ଆରମ୍ଭ ହୋଇଛି। ଏଥିପାଇଁ ରିଜର୍ଭ ପୋଲିସ ରାସ୍ତାରେ ସକାଳୁ ଆବେଦନକାରୀଙ୍କ ଭିଡ଼ ଜମିଥିଲା। ଜିଲାରେ ନିଯୁକ୍ତି ସୁଯୋଗ ମିଳୁ ନ ଥିବାରୁ ବହୁ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ଯୁବତୀ/ଯୁବକ ଆବେଦନ କରିଥିବା ଜଣାପଡିଛି। ଏହି ଚୟନ ପ୍ରକ୍ରିୟା କେନ୍ଦୁଝର ଷ୍ଟାଡିୟମରେ ହେଉଛି। ଫିଟନେସ ବ୍ୟତୀତ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରି ଚୟନ କରାଯାଉଛି। ତେବେ ୮୯ଟି ପଦବୀ ପାଇଁ ପାଖାପାଖି ୭ ହଜାର ପ୍ରାର୍ଥୀ ଆବେଦନ କରିଥିବା ଜଣାପଡିଛି। ଏଣୁ ଏତେ ସଂଖ୍ୟାରେ ଆବେଦନକାରୀଙ୍କ ମଧ୍ୟରୁ ଚୟନ ପାଇଁ ପୋଲିସ ବିଭାଗ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡୁଛି। ତେବେ ଏହି ପଦବୀ ପାଇଁ ଆଗରୁ ଅଧିକ ଲୋକ ବା ଉଚ୍ଚ ଶିକ୍ଷିତ ଯୁବକ ଆବେଦନ କରୁ ନ ଥିବାବେଳେ ବର୍ତ୍ତମାନ ସମୟରେ ବହୁ ସଂଖ୍ୟାରେ ଆବେଦନ କରିବା ଜିଲାରେ ବେରୋଜଗାର ସମସ୍ୟା କେତେ ଅଧିକ ଏଥିରୁ ବେଶ ଜଣାପଡୁଛି। ଏସପି ମିତ୍ରଭାନୁ ମହାପାତ୍ରଙ୍କ ଉପସ୍ଥିତିରେ ଏହି ଚୟନ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ମଙ୍ଗଳବାର ଆରମ୍ଭ ହୋଇଛି। ତେବେ ଏତେ ସଂଖ୍ୟାରେ ପିଲାଙ୍କ ରହିବା, ଖାଇବା ଆଦିର ସୁବ୍ୟବସ୍ଥା ନ ଥିବାରୁ ଅନେକଙ୍କୁ ବିଶେଷ କରି ଯୁବତୀମାନଙ୍କୁ ଅକଥନୀୟ ହଇରାଣ ହେବାକୁ ପଡ଼ିଛି।

### କନ୍ୟାଶ୍ରମ ଛାତ୍ରୀଙ୍କ ମୃତ୍ୟୁ

ରାସଗୋବିନ୍ଦପୁର,୫।୨ (ଡି.ଏନ.ଏ.) ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଦେବଶୋଳ କନ୍ୟାଶ୍ରମର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ବୁଧବାର ମୃତ୍ୟୁ ଘଟିଛି। ମଙ୍ଗଳବାର ଛାତ୍ରୀ ଜଣକ ଅସୁସ୍ଥ ହୋଇ ପଡ଼ିବାରୁ ସେବାଶ୍ରମ କର୍ତ୍ତୃପକ୍ଷ ତାଙ୍କୁ ରାସଗୋବିନ୍ଦପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାପରେ ଛାତ୍ରୀ ଜଣକ କନ୍ୟାଶ୍ରମକୁ ଫେରିଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ଶୋଇଥିବା ବେଳେ ଉଠି ନ ଥିଲେ। ତାଙ୍କୁ ପୁଣି ଥରେ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଦଲାଲମୁକ୍ତ ହୋଇନି ସରକାରୀ କାର୍ଯ୍ୟାଳୟ

■ଜିଲାର ବିଭିନ୍ନ ଅଫିସରେ ରହୁଛି ଅବାଧ ପ୍ରବେଶ
■ଠକାମିର ଶିକାର ହେଉଛନ୍ତି ଲୋକେ

ଅନୁଗୋଳ ଅଫିସ୍, ୫।୨

ମେଡିକାଲ ହେଉ କି ଆର୍‌ଟିଓ କିମ୍ବା ଅନ୍ୟାନ୍ୟ ଅଫିସ, ଅନୁଗୋଳ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଚାଲିଛି ଦଲାଲ ରାଜ। ଏଥିଯୋଗୁ ସାଧାରଣ ଲୋକମାନେ ଠକାମିର ଶିକାର ହେଉଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜୁଥିବା ବାରମ୍ବାର ଅଭିଯୋଗ ହେଉଛି। ରାଜ୍ୟ ସରକାର ସରକାରୀ ଅଫିସକୁ ଦଲାଲ୍‌ମୁକ୍ତ କରିବାକୁ ଗୁରୁତ୍ୱ ଦେଉଥିଲେ ବି ଅନୁଗୋଳରେ ଏହାର ବ୍ୟତିକ୍ରମ ଚର୍ଚ୍ଚାର ବିଷୟ ହୋଇଛି।

ସହରବାସୀଙ୍କ କହିବା ଅନୁଯାୟୀ, ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ମେଡିକାଲ, ତହସିଲ, ତାମଡା କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଅଫିସରେ ଏବେ ବି ଏକାଧିକ ଦଲାଲ ସକ୍ରିୟ ରହିଛନ୍ତି। ସେମାନଙ୍କୁ ଧରାଯିବା କି ତଡ଼ାଯିବା ତ ଦୂରର କଥା ତାଗିଦ କରାଯିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ବିଭିନ୍ନ କାର୍ଯ୍ୟନେଇ ଆସୁଥିବା ଜନସାଧାରଣ ଏହି ଦଲାଲ୍‌ଙ୍କ କବଳରେ ପଡୁଛନ୍ତି। ସରକାରୀସ୍ତରରେ ଯେଉଁ କାର୍ଯ୍ୟ ପାଇଁ ୫ ଟଙ୍କା ଖର୍ଚ୍ଚ ହେବା କଥା ଦଲାଲଙ୍କ ଯୋଗୁ ସେମାନେ କାନମୁଣ୍ଡା ଆଉଁସି ୨୫ ଟଙ୍କା ଖର୍ଚ୍ଚ କରି ଫେରୁଛନ୍ତି। ଜିଲା କାର୍ଯ୍ୟାଳୟରେ ଏପରି ଦୁଇଜଣ ଦଲାଲଙ୍କୁ ଦେଖିବାକୁ ମିଳୁଥିବା ଚର୍ଚ୍ଚା ହେଉଛି। ଜଣେ ତହସିଲ ଓ ଜିଲା କାର୍ଯ୍ୟାଳୟରେ ଡେରା ପକାଇ ଚୁପ୍‌ଚାପ ବିଭିନ୍ନ କାର୍ଯ୍ୟ କରାଇ ନେଉଥିବା କୁହାଯାଉଥିବା ବେଳେ ଅନ୍ୟଜଣେ ଦୀର୍ଘଦିନ ଧରି ଏଠାରେ ରାଜ ଚଳାଇଛନ୍ତି। ବିଭିନ୍ନ ସମୟରେ ତାଙ୍କୁ ଜିଲା କାର୍ଯ୍ୟାଳୟ ପଛ ପାର୍ଶ୍ୱ ଓ ଅନୁଗୋଳ ଷ୍ଟାଡିୟମ ନିକଟରେ ଦେଖିବାକୁ ମିଳୁଛି। ବିଭିନ୍ନ ଲୋକଙ୍କ ସହ ଡିଲ୍ କରିବା ପରେ ସେ ଜିଲା କାର୍ଯ୍ୟାଳୟରେ ପଶି କାର୍ଯ୍ୟ କରିନେଉଥିବା ଆଲୋଚନା ହେଉଛି। ସେହିପରି ଏହି ଦଲାଲଙ୍କ କବଳରୁ ଅନୁଗୋଳ ତହସିଲ ମଧ୍ୟ ବାଦ୍ ପଡ଼ିନାହିଁ।

## ୫ଶହ ଦିଅ, ରକ୍ତ ନିଅ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଜଣେ ନୂଆ ଦଲାଲ ଖୋଲାଖୋଲି ବୁଲୁଥିବା ଆଲୋଚନା ହେଉଛି। ହାଫ୍ ସ୍ୱେଟର ଓ ଚଷମା ପିନ୍ଧି ସେ ଦୈନିକ ମେଡିକାଲ ଭିତରକୁ ପ୍ରବେଶ କରି ଲୋକଙ୍କୁ ସେବା ଯୋଗାଇବୁ କହି ଶୋଷଣ କରୁଛନ୍ତି। ଅନେକ ସମୟରେ ତାଙ୍କୁ ରକ୍ତ ଭଣ୍ଡାରରେ ଦେଖିବାକୁ ମିଳୁଥିବା ଚର୍ଚ୍ଚା ହେଉଛି। ବେଳେ ବେଳେ ସେ ରୋଗୀଙ୍କୁ ରକ୍ତ ବିକ୍ରି କରୁଥିବା ଭଳି ଅଭିଯୋଗ ମଧ୍ୟ ହେଉଛି। ୫ଶହ ଟଙ୍କାରେ ଗୋଟିଏ ପ୍ୟାକେଟ୍ ରକ୍ତ ବିକ୍ରି କରୁଥିବାବେଳେ ଅତି ଜରୁରୀ ଥିଲେ ଅଲଗା ରେଟ୍ ଲଗାଉଛନ୍ତି। ସେହିପରି ବିଭିନ୍ନ ଅଞ୍ଚଳରେ ରକ୍ତଦାନ ଶିବିର ଆୟୋଜନ କରିବାରେ ସେ ସହଯୋଗ କରୁଥିବା ବିଭିନ୍ନ ସ୍ଥାନରେ କହି ବୁଲୁଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ତାଙ୍କ ବିରୋଧରେ କାହିଁକି ପଦକ୍ଷେପ ଗ୍ରହଣ କରୁନାହାନ୍ତି ତାହା ସାଧାରଣରେ ବୁଝାପଡୁ ନାହିଁ। ଏ ନେଇ ସିଡିଏମ୍‌ଓ ଅମରେନ୍ଦ୍ର ନାଥ ମହାନ୍ତି କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କୁ ବ୍ଲଡ ବ୍ୟାଙ୍କକୁ ଯିବାକୁ ବାରଣ କରାଯିବ। ରକ୍ତ ଭଣ୍ଡାରକୁ ଆସୁଥିବା ଲୋକମାନେ ନିରାଶ ନ ହୋଇ କର୍ମଚାରୀ ଓ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ। ଦଲାଲଙ୍କ କବଳରୁ ମୁକ୍ତ ରହିବାକୁ ସିଡିଏମ୍‌ଓ ମହାନ୍ତି ପରାମର୍ଶ ଦେଇଛନ୍ତି।

ବିଭିନ୍ନ କାର୍ଯ୍ୟ ନେଇ ଗ୍ରାମାଞ୍ଚଳରୁ ଏଠାକୁ ଦୈନିକ ଆସୁଥିବା ଲୋକଙ୍କୁ କାମ କରାଇ ଦେବାର ପ୍ରତିଶ୍ରୁତି ଦେଇ ଦଲାଲମାନେ ବେଶ୍ ଅର୍ଥ ରୋଜଗାର କରୁଛନ୍ତି। ଗତବର୍ଷ ମେଡିକାଲ ଓ ପରିବହନ କାର୍ଯ୍ୟାଳୟରେ ଦଲାଲଗିରି କରୁଥିବା କହି ଅନୁଗୋଳ ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଏବେ ବିଭିନ୍ନ କାର୍ଯ୍ୟାଳୟରେ ଦଲାଲ୍‌ମାନେ ସକ୍ରିୟ ଥିଲେ ବି ପୋଲିସ କାହିଁକି ଚୁପ୍ ରହିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ଏଥିପ୍ରତି ଦୃଷ୍ଟି ଦିଆଯିବ। କେଉଁ ଦଲାଲ୍ କେଉଁଠି ବୁଲୁଛନ୍ତି ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମର ସଫଳତାକୁ ଗୁରୁତ୍ୱ



ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟମାନେ।

ତାଳଚେର,୫।୨(ନି.ପ୍ର.)

ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବୁଧବାର ଏକ ବ୍ଲକସ୍ତରୀୟ ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଚଳିତ ମାସରେ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ, ଫାଇଲେରିଆ ରୋଗର ନିରାକରଣ ପାଇଁ ସମୂହ ଔଷଧ ସେବନ ଆଦିକୁ ବ୍ଲକରେ ଶତପ୍ରତିଶତ ସଫଳ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଗତ ଜାନୁୟାରୀ ୩୦ଠାରୁ ଆରମ୍ଭ ହୋଇ ଫେବୃୟାରୀ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ସ୍ପର୍ଶ କାର୍ଯ୍ୟକ୍ରମ ଅଧୀନରେ କୁଷ୍ଠରୋଗ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଗାଁ କଲ୍ୟାଣ ସାଥୀଠାରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ସଚେତନତା ବୈଠକ, ବିଦ୍ୟାଳୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଏହାସହ ଫେବୃୟାରୀ ୧୪ରୁ ୨୯ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଦ୍ୱାରା କୁଷ୍ଠରୋଗ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଗ୍ରାମଗୁଡିକରେ ଶାମ୍ଭ ରଥ ପରିଭ୍ରମଣ କରି ସଚେତନ କରାଯିବ ବୋଲି ଗୋଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିଲା। ଆସନ୍ତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ବାତଜ୍ୱର ନିରାକରଣ ନିମନ୍ତେ ସମୂହ ଔଷଧ ସେବନ ଉପରେ ଆଲୋଚନା କରାଯାଇଥିଲା। ୨୬୩ ଜଣ ସ୍ୱେଚ୍ଛାସେବୀ ଘର ଘର ବୁଲି ଔଷଧ ଖୁଆଇବାକୁ ନିଷ୍ପତ୍ତି ହୋଇଥିଲା। ସ୍ୱାସ୍ଥ୍ୟକର୍ମୀ ଓ ପରିଦର୍ଶକମାନଙ୍କୁ କାର୍ଯ୍ୟକ୍ରମ ତଦାରଖ ଦାୟିତ୍ୱ ଦିଆଯାଇଥିଲା। ଗାଁ ସ୍ତରରେ ଗାଁ କଲ୍ୟାଣ ସମିତି, ପଞ୍ଚାୟତ ସ୍ତରରେ ବୈଠକ ପାଇଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ ଗୁଡିକରେ ସଚେତନତା ସୃଷ୍ଟି ପାଇଁ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ।

## ପିଏସ୍‌ଏସ୍‌ଜେ କଲେଜ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

ବଅଁରପାଳ, ୫।୨(ଡି.ଏନ.ଏ.)

ବଅଁରପାଳ ପିଏସ୍‌ଏସ୍‌ଜେ ଡିଗ୍ରୀ ଓ ଯୁକ୍ତ ୨ କଲେଜର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି, ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନ, ପ୍ରାଧ୍ୟାପକ ଅଜୟ ନେପାକ ପ୍ରମୁଖ ଯୋଗ ଦେଇଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ପ୍ରଶାନ୍ତ ରଞ୍ଜନ ସିହ୍ନା ଅଧ୍ୟକ୍ଷତା କରିଥିଲେ। ଦୁଃଖବନ୍ଧୁ ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି କଲେଜର ଏକ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ମନୋଜ ବେହେରାଙ୍କ ଦ୍ୱାରା ଲିଖିତ ପତ୍ରିକା ସ୍ୱପ୍ନ ଓ ବାସ୍ତବରେ ଫିକା ଜହ୍ନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ କଲେଜର କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦିନବନ୍ଧୁ ମାଝି ସହଯୋଗ କରିଥିଲେ। ନୂଆହତା ସରପଞ୍ଚ ସଚ୍ଚିଦାନନ୍ଦ ବେହେରା, ବଅଁରପାଳ ସରପଞ୍ଚ ଫକୀର ନାୟକ, ଯୁବ ବିଜେଡି ନେତା ଅରୁନଭ ସିଂ, ସମିତି ସଭ୍ୟ ନିର୍ମଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ରମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ହଜାରେ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଅନୁଗୋଳ ଅଫିସ୍, ୫।୨

ବଅଁରପାଳ ବ୍ଲକ ଜରାସିଂହା ଗ୍ରାମଠାରେ ସମନ୍ୱିତ ଶିଶୁ ବିକାଶ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜେଏସ୍‌ପିଏଲ ଫାଉଣ୍ଡେଶନର ସହଭାଗିତାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜରାସିଂହା ଗ୍ରାମର ୬ଟି ଅଙ୍ଗନୱାଡ଼ି ଦ୍ୱାରା ଉପକୃତ ହେଉଥିବା ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା, କିଶୋରୀ, ଗ୍ରାମ କଲ୍ୟାଣ ସମିତିର ସଦସ୍ୟା ଓ ୩ବର୍ଷ ମଧ୍ୟରେ ଶିଶୁଙ୍କ ମାତାପିତାମାନେ ଅଂଶଗ୍ରହଣ କରି ମାତୃ ଓ ଶିଶୁ ସୁରକ୍ଷା ବିଷୟରେ ଅବଗତ ହୋଇଥିଲେ।

ଗର୍ଭସଞ୍ଚାରଠାରୁ ୨ ବର୍ଷ ପର୍ଯ୍ୟନ୍ତ ବା ପ୍ରଥମ ୧ ହଜାର ଦିନର ସ୍ୱାସ୍ଥ୍ୟ ଜୀବନ ନିର୍ଦ୍ଧାରଣ କରିଥାଏ। ଏହା ଶିଶୁର ଶାରୀରିକ ଓ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସ୍ତନ୍ୟପାନ କରାଉଥିବା ମା’ ତଥା ଗର୍ଭବତୀ ମହିଳାଙ୍କ ଉତ୍ତମ ସ୍ୱାସ୍ଥ୍ୟ ସହ ସେମାନଙ୍କ ଶିଶୁର ସ୍ୱାସ୍ଥ୍ୟ ଓ ଅଭିବୃଦ୍ଧି ଉପରେ ମଧ୍ୟ ପ୍ରଭାବ ପକାଇଥାଏ ବୋଲି ସଚେତନ କରାଯାଇଥିଲା। ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏପରି ସାମାଜିକ ପ୍ରଚାର କାର୍ଯ୍ୟ କରିଥିବାରୁ ଫାଉଣ୍ଡେଶନ ଟିମ୍‌କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଜେଏସ୍‌ପିଏଲ୍‌ର ପ୍ରତ୍ୟେକ ପ୍ରକଳ୍ପ ଅଞ୍ଚଳରେ ଏପରି କାର୍ଯ୍ୟ ଉତ୍ସାହର ସହ ଆଗେଇ ନେବାକୁ ସେ ଅନୁରୋଧ କରିଥିଲେ। ଏହି ଶିବିରରେ ଅକ୍ୟୁପେସନାଲ ହେଲଥ୍ ସେଣ୍ଟର ଜେଏସ୍‌ପିଏଲ୍ ମୁଖ୍ୟ ତଥା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କୃଷ୍ଣପ୍ରସାଦ ବେହେରା ଶିଶୁ ଓ ମାତୃ ପୋଷଣ ଉପରେ ସଚେତନ କରିଥିଲେ। ବଅଁରପାଳ ସିଡିପିଓ ଲକ୍ଷ୍ମୀପ୍ରିୟା ବହିଦାର, ଆଇସିଡିଏସ୍ ସେକ୍ଟର ସୁପରଭାଇଜର ସବିତା ପ୍ରଧାନ, ଏଏନ୍‌ଏମ୍ ସଞ୍ଜୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଦ୍ୱାରା ଏକ ମିଶନ ଭାବେ ଚାଲୁଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ବହୁ ସଂଖ୍ୟାରେ କିଶୋରୀ ବାଳିକାମାନେ ଉପକୃତ ହୋଇପାରିଥିବା ସୂଚନା ଦିଆଯାଇଥିଲା।

### ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ସଚେତନତା ଶିବିର




ଜେଏସ୍‌ପିଏଲ୍ ପକ୍ଷରୁ ଆୟୋଜିତ ସଚେତନ କାର୍ଯ୍ୟକ୍ରମ।

## ହୋମଯଜ୍ଞ, ମା’ ତାରିଣୀଙ୍କ ଜୀବନ୍ୟାସ

ତାଳଚେର, ୫।୨(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ସୋଲଡ଼ା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ମା’ ତାରିଣୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ମନ୍ଦିର ପରସରରେ ଯଜ୍ଞର ଆୟୋଜନ କରାଯାଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ପଣ୍ଡିତ ଶରତ ଚନ୍ଦ୍ର ଷଡ଼ଙ୍ଗୀ ମନ୍ଦିର ପ୍ରତିଷ୍ଠା ସହ ମା’ଙ୍କ ପ୍ରତିମାରେ ଜୀବନ୍ୟାସ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଚୈତନ୍ୟ ସ୍ୱାଇଁ ଓ ଦମୟନ୍ତୀ ସ୍ୱାଇଁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଚକ୍ରଧର ସ୍ୱାଇଁ, ଛତ୍ରପତି ସ୍ୱାଇଁ, ଶୁଭକାନ୍ତ ସ୍ୱାଇଁ ପ୍ରମୁଖଙ୍କ ସହ ସୋଲଡା ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



କଳସ ଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

## ମା’ ରାମଚଣ୍ଡୀଙ୍କ ବିଗ୍ରହ ପ୍ରତିଷ୍ଠା



ଛେଣ୍ଡିପଦା, ୫।୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୁଶକିଲା ପଞ୍ଚାୟତ ଦୁବନାଳୀ ଗ୍ରାମରେ ବୁଧବାର ମା’ ରାମଚଣ୍ଡୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହିତ ବିଗ୍ରହ ସ୍ଥାପନ କରାଯାଇଛି। ଏହି ଅବସରରେ ଗ୍ରାମ ସଭାପତି ସିଦ୍ଧେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ କଳସ ଯାତ୍ରା, ହୋମଯଜ୍ଞ, ନାମ ସଂକୀର୍ତ୍ତନ, ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ ଆଦି କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଦିବାକର ପ୍ରଧାନ ପୂଜାନୀତି କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଭାସ୍କର ଚନ୍ଦ୍ର ସାହୁ, ସରପଞ୍ଚ କବିତାରାଣୀ ବେହେରା, ନାଏବ ସରପଞ୍ଚ ସହଦେବ ପ୍ରଧାନ, ସମିତି ସଭ୍ୟ ଭଜମନ ଗଡ଼ନାୟକ, ବ୍ଲକ ଯୁବ ସଭାପତି ରାକେଶ ନାଥ, ମନ୍ମଥ ବେହେରା, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ଯୁବନେତା ସୁଶାନ୍ତ କୁମାର ସାହୁଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗ୍ରାମ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। କୁକୁରପେଟା ଜୋନ୍‌ସ୍ତରୀୟ ଓଡ଼ିଶୀ ନାମ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

# ସର୍ଭେ ଓ ଅନୁସନ୍ଧାନ ବିଭାଗ କରୁଛି ଅବହେଳା

ଅନୁଗୋଳ ସହର, ୫।୨

ଅନୁଗୋଳ ଜିଲା ବନ୍ତଳା ଥାନା ନନ୍ଦପୁର ପଞ୍ଚାୟତ କରଡ଼ାସିଙ୍ଗ ଗ୍ରାମରେ ପ୍ରସ୍ତାବିତ ହିଡ଼ିସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପର ମନ୍ଥର କାର୍ଯ୍ୟ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ବୁଧବାର ଅନୁଗୋଳ ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସର୍ଭେ ଓ ଅନୁସନ୍ଧାନ ବିଭାଗ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି।

ଡିଏଫ୍‌ଓ ଭି. କାର୍ତ୍ତିକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହିଡ଼ିସିଙ୍ଗ କୃଷକ ମହାସଂଘ ସଭାପତି ଦିନେଶ ଦେହୁରୀ, ଉପସଭାପତି ଦୁର୍ଗାଚରଣ ପ୍ରଧାନ, ଅନୁଗୋଳ ଏସିଏଫ୍ ବାସୁଦେବ ନାୟକ, ଅନୁଗୋଳ ସର୍ଭେ ଓ ଅନୁସନ୍ଧାନ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ନନ୍ଦ, ଭିଜନଟେକ୍ କନସଲଟାଣ୍ଟ ପ୍ରାଇଭେଟ୍ ଲିମିଟେଡର ଜେନେରାଲ ମ୍ୟାନେଜର ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସଂଘ ସଦସ୍ୟମାନେ କହିଥିଲେ ଯେ, ହିଡ଼ିସିଙ୍ଗ ପ୍ରକଳ୍ପ ନିର୍ମାଣ ହେଲେ ମହାନଦୀ ଗ୍ରୀନ୍ ବେଲ୍ଟ ସହିତ ସାତକୋଶିଆ ଅଭୟାରଣ୍ୟ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ହେବ। ଏଥିସହିତ ୧୫ଟି ପଞ୍ଚାୟତର ୫୦ ହଜାର ଚାଷୀଙ୍କ ସହ ଅନୁଗୋଳ ସହରର ପାଣି ସମସ୍ୟା ଦୂର ହୋଇପାରିବ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ୨୦୦୦ ମସିହା ଠାରୁ ଲୋକମାନଙ୍କ ଆନ୍ଦୋଳନ ପରେ ଏବେ ଚାଲିଥିବା ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପ୍ରକଳ୍ପ ନିର୍ମାଣରେ ୮୭ ହେକ୍ଟର ଜଙ୍ଗଲ ଜମି ବୁଡ଼ୁଥିବାରୁ ୮୭ ହଜାର ଗଛ ଲଗାଯିବା ପାଇଁ ସରକାରୀ ଜମି ଚିହ୍ନଟ କରାଯାଇଛି। ଦେବଗଡ଼ ବନଖଣ୍ଡର ପାଲଲହଡ଼ା ରେଞ୍ଜରେ ୯୪ ହେକ୍ଟରରେ ୧୮ ହଜାର, ତାଳଚେର ରେଞ୍ଜରେ ୧୨୦ ହେକ୍ଟରରେ ୬୯ ହଜାର ଗଛ ଲଗାଯିବା ପାଇଁ ଜମି ଚିହ୍ନଟ କରାଯାଇଥିଲେ ହେଁ ସର୍ଭେ ଓ ଅନୁସନ୍ଧାନ ବିଭାଗ ବିଳମ୍ବ କରିବା ସହ ବନ ବିଭାଗକୁ ସହଯୋଗ କରୁନାହିଁ। ଏପରି କି ବିଭାଗର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଏ ନେଇ ଡିଏଫ୍‌ଓଙ୍କ ସହିତ ଯୋଗାଯୋଗ କରି ନ ଥିବା ଡିଏଫ୍‌ଓ ପ୍ରକାଶ କରିଥିଲେ। ବର୍ତ୍ତମାନ ସୁଦ୍ଧା ୨୦ଟି ବିଭିନ୍ନ ପ୍ରକଳ୍ପର ପ୍ରସ୍ତାବ ଯାଇଥିବାବେଳେ ଦୀର୍ଘ ବର୍ଷ ହେଲା ଏହି ଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ନେଇ ଡିଏଫ୍‌ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକଳ୍ପ ନିର୍ମାଣ ପାଇଁ ଲେଆଉଟ୍, ଟପୋମ୍ୟାପ୍, ପ୍ରୋଜେକ୍ଟ ଲ୍ୟାଣ୍ଡସିଡିଲ୍, ସର୍ଭେ ମ୍ୟାପ, ପ୍ରୋଜେକ୍ଟ ରିପୋର୍ଟ, ପ୍ରୋଜେକ୍ଟ କଷ୍ଟ, ଫରେଷ୍ଟ ଏରିଆ ମାର୍କିଂ, ଜିଲାପାଳଙ୍କ ଠାରୁ ଏନ୍‌ଓସି ସାର୍ଟିଫିକେଟ୍, ଗଛ ନମ୍ବରିଂ ଲିଷ୍ଟ, ଡିଜିପିଏସ ମ୍ୟାପ, ଓଡ୍‌ସାକ୍ ମ୍ୟାପ ଆଦି ରିପୋର୍ଟ ସମ୍ପୂର୍ଣ୍ଣ ସରିଥିବାବେଳେ ସିଲ୍ୟାଣ୍ଡ ବାକି ରହିଛି। ସିଲ୍ୟାଣ୍ଡ ପ୍ରସ୍ତୁତ ପରେ ଜଙ୍ଗଲ ଅନୁମତି ପାଇଁ ପଠାଯିବ ବୋଲି ଜଣାପଡ଼ିଛି। ତେବେ ଦୁଇ ଦିନ ମଧ୍ୟରେ ପ୍ରକଳ୍ପର ସମସ୍ତ ତଥ୍ୟ ପ୍ରଦାନ କରିବା ପାଇଁ ସର୍ଭେ, ଅନୁସନ୍ଧାନ ବିଭାଗ ଓ ଭିଜନ୍‌ଟେକ୍ କନ୍‌ସଲଟାଣ୍ଟ ପ୍ରାଇଭେଟ୍ ଲିମିଟେଡକୁ ଡିଏଫ୍‌ଓ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ କାର୍ଯ୍ୟ କରା ନ ଗଲେ ଅଞ୍ଚଳର ସମସ୍ତ ଚାଷୀ ଆନ୍ଦୋଳନ କରିବେ ବୋଲି କୃଷକ ସଂଘ ସଭାପତି ଓ ଉପସଭାପତି ଚେତାବନୀ ଦେଇଛନ୍ତି।



ଅନୁଗୋଳ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଧିକାରୀ ଓ କର୍ମକର୍ତ୍ତାମାନେ।

### ହିଡିସିଙ୍ଗ ମଧ୍ୟମ ଜଳ ପ୍ରକଳ୍ପ ବୈଠକରେ ଅଭିଯୋଗ

## ସଂକ୍ଷେପରେ

### 'ଦୋଷୀଙ୍କୁ ତୁରନ୍ତ ଫାଶୀ ଦିଆଯାଉ'

ଭଦ୍ରକ ଅଫିସ, ୫।୨: ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବୁଧବାର କଲେଜରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତୁରନ୍ତ ନିର୍ଭୟା ଦୋଷୀମାନଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରି ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ତେଲକୋଇ, ୫।୨ (ଡି.ଏନ.ଏ.):** ତେଲକୋଇ ଥାନା ଅନ୍ତର୍ଗତ ଭୀମକାଣ୍ଡ ପଞ୍ଚାୟତ ବେରନା ପୋଲ ନିକଟରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି କରଦାଙ୍ଗି ପଞ୍ଚାୟତ ଘୋଡାବେଡା ସାହିର ଲମ୍ବୋଦର ନାଏକ। ବୁଧବାର ସକାଳେ ଲମ୍ବୋଦରଙ୍କ ମୃତଦେହ ରାସ୍ତାକଡରେ ପଡିଥିବା ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ମୃତଦେହ ନିକଟରେ ଏକ ବାଇକ ପଡିଥିବାର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ତେଲକୋଇ ଡାକ୍ତରଖାନାକୁ ପଠାଇଥିଲେ। ତେବେ ସଡ଼କ ଦୁର୍ଘଟଣାରେ ଲମ୍ବୋଦରଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୧/୨୦) ରୁଜୁ କରି ତଦନ୍ତ ଚଳାଇଛି।

### ୯ରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆନ୍ତଃରାଜ୍ୟ ମହୋତ୍ସବ

ଭୋଗରାଇ,୫।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହେଲିପ୍ୟାଡ଼ ପଡ଼ିଆରେ ଆସନ୍ତା ୯ ତାରିଖରେ ଦିବସବ୍ୟାପୀ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଆନ୍ତଃରାଜ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଉତ୍ତରବାଲେଶ୍ୱରର ଭୋଗରାଇ ସମେତ ଜଳେଶ୍ୱର, ବସ୍ତା ଓ ବାଲିଆପାଳ ଅଞ୍ଚଳରେ ଥିବା ଠାକୁରଙ୍କ ଆଶ୍ରିତ ସହିତ ପଡ଼ୋଶୀ ପଶ୍ଚିମବଙ୍ଗର ବହୁ ଶ୍ରଦ୍ଧାଳୁ ଏହି ମହୋତ୍ସବରେ ଯୋଗଦେବେ। ଏଥିପାଇଁ ବୁଧବାର ଭୋଗରାଇ ଶ୍ରୀବସ୍ତପୁର ନିକଟସ୍ଥ ସତ୍‌ସଂଗ ବିହାର ପରିସରରେ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଉଦ୍‌ବୋଧନ ଦେବେ ବୋଲି ଖବରଦାତା ସମ୍ମିଳନୀରେ ରତିକ କେଦାରନାଥ ମହାନ୍ତି, ହୃଦୟ ରଞ୍ଜନ ତ୍ରିପାଠୀ, ସୁଧୀର ଚନ୍ଦ୍ର ପରିଡ଼ା, ଆଶିଷ କୁମାର ମିଶ୍ର, ଈଶ୍ୱର ଚନ୍ଦ୍ର ଗିରି, ନରେନ୍ଦ୍ର ନାଥ ସାହୁ, ଭଗୀରଥ ପୃଷ୍ଟି ପ୍ରମୁଖ ପ୍ରକାଶ କରିଛନ୍ତି।

# ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

## କିଶୋରନଗର ପଞ୍ଚାୟତ ସମିତି ବୈଠକ

**ବଇଣ୍ଡା, ୫।୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ସଭାଗୃହଠାରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବବିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ବିଡିଓ ଅମୃତା ପ୍ରିୟମ୍ବଦା, ବ୍ଲକ ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ସୁନୀଲ କୁମାର ସିଂ, ଜିପିଓ ସୁଜାତା ତ୍ରିପାଠୀ, ଜିଲା ପରିଷଦ ସଦସ୍ୟ ଅର୍ଜୁନ କୁମାର ପାଣ୍ଡେଙ୍କ ସମେତ ୨୩ଟି ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଯୋଗ ଦେଇଥିଲେ। ତେବେ ବୈଠକରେ ବିଦ୍ୟୁତ୍ ଓ ବନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ଜନ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ମନଇଚ୍ଛା ବିଲ୍ ଆଦାୟ କରୁଥିବା, ଭୁଲ ଥିବା ବିଲ୍‌ଗୁଡିକ ସଂଶୋଧନ କରୁ ନ ଥିବା ଆଦି ନେଇ ସରପଞ୍ଚମାନେ ଅଭିଯୋଗ ଆଣିଥିଲେ। ସେହିପରି ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ଚାଷ ନଷ୍ଟ ହେଉଥିବାବେଳେ ବନ ବିଭାଗ ପକ୍ଷରୁ କୌଣସି ପ୍ରତିକାର କରାଯାଉ ନ ଥିବା ଏପରିକି ସଚେତନତା କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଉ ନ ଥିବା ନେଇ ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏଥିସହ ବଇଣ୍ଡା କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ଜମିରେ ସ୍କୁଲ ଗୃହ ନିର୍ମାଣ କରାଯିବାକୁ ଥିବାବେଳେ ସେଠାରେ ରାସ୍ତା ନିର୍ମାଣ କରୁଥିବା ଠିକାସଂସ୍ଥା ବିଳମ୍ବ କରୁଥିବା ସରପଞ୍ଚ ଜଳଧର ସାହୁ ଅଭିଯୋଗ କରିଥିଲେ। କଦଳୀମୁଣ୍ଡା, ଜାମୁନାଳୀଠାରେ ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ବୈଠକରେ ଦାବି ହୋଇଥିଲା। ଏଥିସହ ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଏ ସମ୍ପର୍କରେ ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା କୁହନ୍ତି, ପଞ୍ଚାୟତ ସମିତି ବୈଠକରେ ବନ ବିଭାଗ କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ମୋ ପାଖରେ ଖବର ନାହିଁ। ଏହାର ତଦନ୍ତ କରାଯିବ। ବାମୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ବୈଠକ ସମ୍ପର୍କରେ ମୋ ପାଖରେ ସୂଚନା ନାହିଁ। ତେଣୁ ଯୋଗ ଦେଇପାରିନାହୁଁ।


ବ୍ଲକ ସଭାଗୃହଠାରେ ଆୟୋଜିତ ପଞ୍ଚାୟତ ସମିତି ବୈଠକ।

# ଘର କରୁନାହାନ୍ତି ହିତାଧିକାରୀ, ପ୍ରତିବାଦରେ ପ୍ରଶାସନର ଧାରଣା

ପାଲଲହଡ଼ା, ୫।୨(ଡି.ଏନ.ଏ.)- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ସହ ଟଙ୍କା ପାଇଥିବା ହିତାଧିକାରୀମାନେ ଗୃହ ନିର୍ମାଣ କରୁ ନ ଥିବାରୁ ସେମାନଙ୍କ ଘର ଆଗରେ ପାଲଲହଡ଼ା ବିଡିଓ ରବି ନାରାୟଣ ମାଝି କର୍ମଚାରୀଙ୍କ ସହ ବୁଧବାର ଧାରଣା ଦେଇଛନ୍ତି। ପ୍ରଥମେ ବିଡିଓ, ବ୍ଲକ କର୍ମଚାରୀ ଏବଂ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନେ ବ୍ଲକର ଈଶ୍ୱରନଗର ପଞ୍ଚାୟତର ଗୁଡ଼ାପଦା ଗ୍ରାମକୁ ଯାଇ ହିତାଧିକାରୀଙ୍କୁ ଘର ନିର୍ମାଣ ନ କରିବାର କାରଣ ପଚାରିବା ସହ ଧାରଣାରେ ବସିଥିଲେ। ସମସ୍ତ ହିତାଧିକାରୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗୃହ ନିର୍ମାଣ କରିବାକୁ କହିବା ପରେ ବିଡିଓ ଧାରଣାରୁ ହଟିଥିଲେ। ପରେ ବିଡିଓ ଏବଂ କର୍ମଚାରୀମାନେ ନିଜିଗଡ଼ ପଞ୍ଚାୟତର ପାଟବେଡା ଗ୍ରାମକୁ ଯାଇ ଜଣେ ହିତାଧିକାରୀଙ୍କ ଘର ସମ୍ମୁଖରେ ଧାରଣା ଦେବାରୁ ହିତାଧିକାରୀମାନେ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହିପରି ଧାରଣା ଦିଆଯାଇ ମାର୍ଚ୍ଚ ସୁଦ୍ଧା ସମସ୍ତ ଗୃହ ନିର୍ମାଣ କରାଯିବାକୁ କୁହାଯିବ ବୋଲି ବିଡିଓ କହିଛନ୍ତି। ଅତିରିକ୍ତ ବିଡିଓ ଏସ. ନୈବେଦ୍ୟ ଲଲାଟେନ୍ଦୁ, କନିଷ୍ଠ ଯନ୍ତ୍ରୀ ଗଲାଟି ଶଙ୍କର ଆଚାରୀ, ଧରଣୀଧର ସାହୁ, ସମିତିସଭ୍ୟ ଦିଲୀପ କୁମାର ଉଦାବଳ, କୃଷ୍ଣ କୁମାର ବୋଷ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।



ବିଡିଓ ବ୍ଲକ କର୍ମଚାରୀଙ୍କ ସହ ଧାରଣାରେ ବସିଛନ୍ତି।

# ଶିଳ୍ପ ସଚେତନତା କର୍ମଶାଳା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବଇଣ୍ଡା, ୫।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ବୁଧବାର ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ସଭାପତି ଡ. ନନ୍ଦ କିଶୋର ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ଗଗନ ବିହାରୀ ନାୟକ ଯୋଗଦେଇ ଆତ୍ମ ନିର୍ଭରଶୀଳ ହେବା ପାଇଁ ସ୍କିଲ ଇଣ୍ଡିଆ ଓ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପ ବିକାଶ ଅଧିକାରୀ ମଳୟ ରଞ୍ଜନ ନାୟକ, ସମ୍ପାଦକ ଅନିଲ କୁମାର ମିଶ୍ର, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ହଣ୍ଡପା ସରପଞ୍ଚ ଅମିୟ ପ୍ରଧାନ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଜିଲା ଶିଳ୍ପକେନ୍ଦ୍ରର ଭୂମିକା ଏବଂ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଭିଷେକ ମହାପାତ୍ର, ବୈଶାଖ ମହାକୁଡ ସହଯୋଗ କରିଥିଲେ।

## ୮ରେ ଜାତୀୟ ଲୋକ ଅଦାଲତ

**ଅନୁଗୋଳ ଅଫିସ୍, ୫।୨**

ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପ୍ରଥମ ଜାତୀୟ ଲୋକ ଅଦାଲତ ଚଳିତ ମାସ ୮ ତାରିଖରେ ଅନୁଗୋଳ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ମୋକଦ୍ଦମାରେ ସମ୍ପୃକ୍ତ ପକ୍ଷ, ବିଭିନ୍ନ ବ୍ୟାଙ୍କ, ବୀମା କମ୍ପାନୀ ଆଦି ବହୁ ସଂଖ୍ୟାରେ ଯୋଗଦେବେ। କୋର୍ଟଗୁଡ଼ିକରେ ପଡ଼ି ରହିଥିବା ବିଭିନ୍ନ ମାମଲା ଗୁଡ଼ିକର ଏହି ଲୋକ ଅଦାଲତରେ ବିଚାର କରାଯାଇ ଆପୋସ ସମାଧାନ ମାଧ୍ୟମରେ ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ। ଏହି ଲୋକ ଅଦାଲତରେ ଉପସ୍ଥିତ ରହି ନିଜ ନିଜ ମାମଲାର ଫଇସଲାରେ ସହାୟତା କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅବଗତ କରାଯାଇଛି।

# ଆଡ଼ିବନ୍ଧ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଅତିଥିମାନେ।

**ବଇଣ୍ଡା, ୫।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷ ଜମିକୁ ଜଳ ଯୋଗାଣ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ମଙ୍ଗଳବାର ଆଡ଼ିବନ୍ଧ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆମ୍ବଶରମୁଣ୍ଡା ପଞ୍ଚାୟତ ମାମୁରିଝରଣ, ବୁଡାବଡ, ପେଡିପଥର ପଞ୍ଚାୟତ ସଜନାଡିହ, ସାନହୁଲା ପଞ୍ଚାୟତ କଟଙ୍ଗାଧର ଗ୍ରାମରେ ଆଡ଼ିବନ୍ଧ ନିର୍ମାଣ ପାଇଁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବିଭିନ୍ନ ଅଞ୍ଚଳରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ଆଠମଲ୍ଲିକ ଉପଖଣ୍ଡରେ ଚାଷୀଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଧାୟକ ଏହି ଅବସରରେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଜେଡି ନେତ୍ରୀ ଲିନା ସାଏ, ଆମ୍ବଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରୀ, କୁରୁମଟାପ ସରପଞ୍ଚ ସୁମନ୍ତ ବେହେରା, ପ୍ରଭାକର ପ୍ରଧାନ, ଦିଲୀପ କୁମାର ସାହୁ, ବୀରେନ୍ଦ୍ର କୁମାର ଜଗତ, ତ୍ରିପୁରାରୀ ନାୟକଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

# ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଗିରଫ

**ଅନୁଗୋଳ ଅଫିସ୍, ୫।୨**

ଅନୁଗୋଳ ସିଭିଲ୍‌କୋର୍ଟର ଜଣେ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ବାଦିବାହଲ ଅଞ୍ଚଳର ଆରତ ପ୍ରାଣ ନାଏକ(୪୨)ଙ୍କୁ ଅନୁଗୋଳ ପୋଲିସ ଗିରଫ କରିଛି। ଅନୁଗୋଳ କୋର୍ଟରେ ଥିବା ରେଜିଷ୍ଟ୍ରାରଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୩୮/୨୦ରେ ମାମଲା ରୁଜୁ କରି ଆରତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ ଯେ, ୨୦୧୨ରେ କୋର୍ଟରେ ଥିବା ଏକ ମାମାଲାରେ ଗିରଫ ହୋଇଥିବା ଆରତଙ୍କ ସ୍ତ୍ରୀଙ୍କ ସାକ୍ଷ୍ୟ ଚଳିତମାସ ୨୬ ତାରିଖରେ ଗ୍ରହଣ କରାଯାଇଥାନ୍ତା। ଏ ନେଇ ସିଭିଲ୍‌କୋର୍ଟର କର୍ମଚାରୀ ଉମ୍ବରୁଧର ଦେହୁରୀ ଗତ ୩୦ ତାରିଖରେ ବାଦିବାହଲରେ ଥିବା ଆରତଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଉମ୍ବରୁଧରଙ୍କୁ ଆରତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ଧମକ ଦେଇଥିଲେ। ଏପରି କି ସମନ ମୋ ସ୍ତ୍ରୀଙ୍କୁ କାହିଁକି ଦେବାକୁ ଆସିଛ କହି ମାଡ଼ ମାରିବାକୁ ମଧ୍ୟ ପଛାଇ ନ ଥିଲେ। ଏହି ଘଟଣାରେ କୋର୍ଟର ରେଜିଷ୍ଟ୍ରାର ଗତ ୩୦ ତାରିଖରେ ଚିଠି ମାଧ୍ୟମରେ ଅଭିଯୋଗ କରିଥିଲେ। ଫଳରେ ଅନୁଗୋଳ ପୋଲିସ ମଙ୍ଗଳବାର ମାମଲା ରୁଜୁ କରିବା ସହ ବୁଧବାର ଆରତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଦର୍ଶକ ଦେଖିବେ ମଥୁରାର ମୟୂରୀ ନୃତ୍ୟ


ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଶାସନିକ ଅଧିକାରୀମାନେ।

## ଶେଷ ପର୍ଯ୍ୟାୟରେ ଜିଲା ମହୋତ୍ସବ ପ୍ରସ୍ତୁତି

**ଅନୁଗୋଳ ଅଫିସ୍, ୫।୨**

ଆସନ୍ତା ୭ ତାରିଖରେ ଅନୁଗୋଳ ଷ୍ଟାଡିୟମରେ ଆରମ୍ଭ ହେବ ଅଷ୍ଟମ ଅନୁଗୋଳ ଜିଲା ମହୋତ୍ସବ। ତିନି ଦିନ ଧରି ହେବାକୁ ଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପରି କି ଅତିଥି ତାଲିକା ମଧ୍ୟ ଚୂଡ଼ାନ୍ତ ହୋଇଥିବା ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ବୁଧବାର ସର୍କିଟ ହାଉସଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଅନୁଗୋଳବାସୀ ପ୍ରଥମ ଥର ପାଇଁ ମଥୁରାର ମୟୂରୀ ନୃତ୍ୟ ଦେଖିବା ସହ ଏହାର ମଜା ମଧ୍ୟ ଉଠାଇବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବ ଅବସରରେ ଓରମାସ୍ ପକ୍ଷରୁ ପଲ୍ଲିଶ୍ରୀ ମେଳା ମଧ୍ୟ ଆୟୋଜିତ ହେବ। ଏହା ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଜିଲାର ବିଧାୟକମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଦ୍ୱିତୀୟ ସନ୍ଧ୍ୟାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେବେ। ଉଦ୍‌ଯାପନୀ ଉତ୍ସବରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶାର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ବିଧାୟକମାନେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବେ। ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା ସଭାରେ ଜିଲାପାଳ ମନୋଜ କୁମାର ମହାନ୍ତି ସଭାପତିତ୍ୱ କରିବେ। ଉତ୍ସବରେ ଜିଲାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୫ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜିଲାର ଐତିହ୍ୟ, ସଂସ୍କୃତି, ପର୍ଯ୍ୟଟନ, ପ୍ରଗତି ଓ ସାମାଜିକ ପ୍ରେକ୍ଷାପଟରେ ପ୍ରସ୍ତୁତ ସ୍ମରଣିକା ଉନ୍ମୋଚନ କରାଯିବ। ଚଳିତବର୍ଷ ସାଂସ୍କୃତିକ ସନ୍ଧ୍ୟାରେ ମଥୁରାର ମୟୂରୀ, ଗଞ୍ଜାମର ପଶୁନୃତ୍ୟ, ଅନୁଗୋଳର ଓଡ଼ିଶୀ ନୃତ୍ୟ-ନୃତ୍ୟ ନିଳୟ, କାକଟପୁରର ଘଟକଳସ, ଆର୍‌ୟନ ନୃତ୍ୟଦଳ, ବଲାଙ୍ଗୀରର ନଟରାଜ ନୃତ୍ୟଦଳ ଓ ନବରଙ୍ଗପୁରର ଢେମ୍‌ସା ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିବ ବୋଲି ଖବରଦାତା ସମ୍ମିଳନୀରେ ଜିଲାପାଳ କହିଥିଲେ। ୮ଟି ବ୍ଲକ କଳା ସଂସ୍କୃତି ସଂଘ ଓ ୩ଟି ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ଦ୍ୱାରା ଚୟନ ହୋଇଥିବା ଲୋକନୃତ୍ୟ ଦଳଗୁଡ଼ିକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଓଲିଉଡ କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଜିଲା ମହୋତ୍ସବରେ ବାଲୁକା କଳା ଓ ଚିତ୍ରକଳା ପ୍ରଦର୍ଶନୀ, ସାହିତ୍ୟ ସମ୍ମିଳନୀ ଓ କବିତା ପାଠୋତ୍ସବ, ଯୋଗ ଓ ପ୍ରାଣାୟାମ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପଲ୍ଲିଶ୍ରୀ ମେଳାରେ ୮୦ଟି ଷ୍ଟଲ୍ କରାଯିବ। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ୫୦ଟି ଷ୍ଟଲ କରାଯାଇ ଏଥିରେ ବିଭିନ୍ନ ବିଭାଗ ତଥା ଅଗ୍ରଣୀ ଉଦ୍ୟୋଗଗୁଡ଼ିକ ଅଂଶ ଗ୍ରହଣ କରିବେ। ମେଳା ସ୍ଥଳରେ ଖାଦ୍ୟ ଷ୍ଟଲର ବ୍ୟବସ୍ଥା କରାଯାଇଛି। ଏହି ଉତ୍ସବକୁ ଶୃଙ୍ଖଳାର ସହିତ ପରିଚାଳନା କରିବାକୁ ଆରକ୍ଷୀ, ସ୍ୱାସ୍ଥ୍ୟ, ଅଗ୍ନିଶମ, ବିଦ୍ୟୁତ, ଜଳଯୋଗାଣ ଓ ପୌରପାଳିକା ଆଦି ସମସ୍ତ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପିଡି ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ସଂସ୍କୃତି ଅଧିକାରୀ ଜଗଦୀଶ ରାୟଙ୍କ ସହ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

# ଗ୍ୟାସ୍ ଗୋଦାମ ଉଦ୍‌ଘାଟିତ


ଅତିଥି ଗ୍ୟାସ୍ ଗୋଦାମ ଉଦ୍‌ଘାଟନ କରୁଛନ୍ତି।

**ବଁଅରପାଳ, ୫।୨(ଡି.ଏନ.ଏ.)**

ନାଲ୍‌କୋ ବହୁମୁଖୀ ସମବାୟ ସମିତିର ନୂତନ ଗ୍ୟାସ୍ ଗୋଦାମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ନାଲ୍‌କୋ ମାନବ ସମ୍ବଳ ବିଭାଗ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ନାଲ୍‌କୋ ଇଡି ମନସା ପ୍ରସାଦ ମିଶ୍ର, ମହାପ୍ରବନ୍ଧକ ଏସ୍. ଏନ୍ ସାହୁ, ଏଜିଏମ୍ ରାଜାରାମ ମିଶ୍ର, ସୁନୀଲ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ମୁନା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୯୮୪ରେ ନିର୍ମିତ ପୁରୁଣା ଗୋଦାମର ଗ୍ୟାସ୍ ଧାରଣ କ୍ଷମତା ୫ହଜାର ୪ଶହ କେଜି ଥିଲା। ନୂତନ ଗୋଦାମ ନିର୍ମାଣ କରାଯାଇ ଏହାର କ୍ଷମତା ୧୦ ହଜାର ୮ଶହ କେଜିକୁ ବୃଦ୍ଧି କରାଯାଇଛି। କାର୍ଯ୍ୟକ୍ରମରେ ସମିତି ଉପସଭାପତି ମିନତୀ ସାହୁ, ନିର୍ଦ୍ଦେଶକ ପ୍ରଭାତି ଗଡ଼ନାୟକ, ଜୟକୃଷ୍ଣ ତ୍ରିପାଠୀ, ମହେନ୍ଦ୍ର ବେହେରା, କୁମୁଦ ପ୍ରଧାନ, ଶ୍ରମିକ ନେତା, ଏସ. କେ. ମହାରଣା, ବାମଦେବ ସେଠ, ପ୍ରଣବ ଜେନା, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ମାନସ ରଞ୍ଜନ ମହାନ୍ତି, ନାଲକୋ ଇଷ୍ଟେଟ ଅଧିକାରୀ ମଣି ରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ଅଧିକାରୀ ଓ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

